# ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଲେ ଓମାନର ସୁଲତାନ

ଜୁନ୍ ୧୧, ୨୦୨୪

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଜି ଓମାନର ସୁଲତାନ୍ ହାଇଥାମ୍ ବିନ୍ ତାରିକ୍ ଫୋନ୍ ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି।

ନିକଟରେ ଶେଷ ହୋଇଥିବା ସାଧାରଣ ନିର୍ବାଚନେରେ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ପୁନଃ ନିଯୁକ୍ତ ହୋଇଥିବାରୁ ସୁଲତାନ ହାଇଥାମ୍ ବିନ୍ ତାରିକ୍ ପ୍ରଧାନମନ୍ତ୍ରୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି।

ମାନର ସୁଲତାନ୍ ଓମାନ ଏବଂ ଭାରତ ମଧ୍ୟରେ ଶତାବ୍ଦୀର ପୁରୁଣା ବନ୍ଧୁତା ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିବା ସହ ଭାରତବାସୀଙ୍କ ଉନ୍ନତି ଏବଂ ସମୃଦ୍ଧି ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

ପ୍ରଧାନମନ୍ତ୍ରୀ ମହାମହିମଙ୍କୁ ତାଙ୍କର ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ଡିସେମ୍ବର ୨୦୨୩ରେ ତାଙ୍କର ଐତିହାସିକ ଭାରତ ଗସ୍ତ ଉପରେ ଆଲୋକପାତ କରିଥିଲେ ଯାହା ସମସ୍ତ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିଥିଲା ।

ଉଭୟ ଦେଶର ପାରସ୍ପରିକ ଉନ୍ନତି ପାଇଁ ଭାରତ-ଓମାନ ଭାଗିଦାରୀକୁ ଆହୁରି ମଧୁର ଏବଂ ସୁଦୃଢ଼ କରିବା ପାଇଁ ଉଭୟ ନେତା ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ ।

ଆଗାମୀ ଇଦ୍ ଅଲ୍ ଅଧା ପର୍ବ ଅବସରରେ ପ୍ରଧାନମନ୍ତ୍ରୀ ମହାମହିମ ଏବଂ ଓମାନବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ନୂଆଦିଲ୍ଲୀ
ଜୁନ୍ ୧୧, ୨୦୨୪